# Akashvani, Sambalpur

## SAMBALPURI NEWS EVENING BULLETIN

## 18 July 2025- 7.02 pm- 7.12 pm.

*********************************************

୧- ସଂସଦ୍‌ର ମୌସୁମୀ ଅଧିବେଶନ୍ ଆଏବା ସୋମ୍‌ବାର୍‌ଠାନୁ ହେବା ମୁଲ୍ ।

- ରଏବାର୍ ଦିନ ବସ୍‌ବା ସର୍ବଦଳୀୟ ବୈଠକ୍ ।

୨- ବାଲେଶ୍ୱର୍ ଏଫ୍.ଏମ୍. କଲେଜ୍ ଛାତ୍ରୀ ମୃତ୍ୟୁ ଘଟ୍‌ନାର୍ ତଦନ୍ତ୍ କଲେ ବିଶ୍ୱବିଦ୍ୟାଳୟ ଅନୁଦାନ୍ ଆୟୋଗ୍ ଫେକ୍ଟ ଫାଇଣ୍ଡିଂ ଟିମ୍ ।

୩- ରାଜ୍ୟର୍ ଶିକ୍ଷାନୁଷ୍ଠାନ୍ ମାନ୍‌କେ ପୋସ୍ ଅଧିନିୟମ୍‌କେ ନେଇକରି ସଚେତନତା କର୍ମଶାଳା ଆୟୋଜନ୍ କର୍‌ବାର୍‌କେ ଉଚ୍ଚଶିକ୍ଷାବିଭାଗ୍‌ର ନିର୍ଦ୍ଦେଶ୍ ।

୪- ଭୁବ୍‌ନେଶ୍ୱର୍ ଠାନେ ଚାଲିଥିବା ୨ ଦିନିଆ ଜାତୀୟ ସୁଶାସନ୍ ଅଭ୍ୟାସ୍ ସମ୍ମିଳନୀ ଉଦ୍‌ଯାପିତ୍ ।

ଆଉର୍

୫- ନୂଆପଡ଼ା ନ ଶହେ ୩୪ କୋଟି ଟଙ୍କାର୍ ପ୍ରକଳ୍ପର୍ ଉଦ୍‌ଘାଟନ୍ କଲେ ପଂଚାୟତିରାଜ୍ ମନ୍ତ୍ରୀ ।

ସଂସଦ୍ ମୌସୁମୀ ଅଧିବେଶନ୍-ସର୍ବଦଲୀୟ ବୈଠକ୍

ଏନ୍ଏସ୍ଡି

ଆଏବା ୨୧ ତାରିଖ୍ ସୋମ୍ବାର୍ ଦିନ ସଂସଦ୍ର ମୌସୁମୀ ଅଧିବେଶନ୍ ମୁଲ୍ ହେବା । ଇତାକେ ନେଇକରି ଆଏବା ରଏବାର୍ ଦିନ ସର୍କାର୍ଙ୍କର୍ ତର୍ଫୁ ସର୍ବଦଲୀୟ ବୈଠକ୍ ଡକାଯାଇଛେ । ଆଏବା ଅଧିବେଶନ୍କେ ସୁରୁଖୁରୁଥି ପରିଚାଲନା କର୍ବାର୍ ଦିଗେ ସହଯୋଗ୍ କର୍ବାର୍ ଲାଗି ବୈଠକ୍ଥି ସର୍କାର୍ଙ୍କର୍ ତର୍ଫୁ ସବୁ ରାଜନୈତିକ୍ ଦଲ୍କେ ଅନୁରୋଧ୍ କରାଯିବା । ଜୁଲାଇ ୨୧ ନୁ ଅଗଷ୍ଟ ୨୧ ତାରିଖ୍ତକ୍ ହେବାର୍କେ ଥିବା ମୌସୁମୀ ଅଧିବେଶନ୍ଥି ବହୁତ୍ଟେ ଗୁରୁତ୍ୱପୂର୍ଣ୍ଣ ବିଧେୟକ୍ ଉପ୍ରେ ଆଲୋଚନା ହେବାର୍ ସମ୍ଭାବନା ରହିଛେ ।

ରାଷ୍ଟ୍ରୀୟ ପ୍ରତୀକ- ନିର୍ଦ୍ଦେଶ୍ନାମା I&PR

ଦେଶର୍ ସବୁ ସର୍କାରୀ କାର୍ଯ୍ୟାଳୟ ମାନ୍କେ ଅଶୋକ୍ ସ୍ତମ୍ଭ ସହେତେ ଦେବନାଗରି ଲିପିଥି ସତ୍ୟମେବ ଜୟତେ ଲେଖ୍ବାର୍କେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ତର୍ଫୁ କଡ଼ା ନିର୍ଦ୍ଦେଶ୍ ଦିଆଯାଇଛେ । ଇତାର୍ ଉଲ୍ଲଂଘନ୍ ହେଲେ ଭାରତ୍ର

ରାଷ୍ଟ୍ରୀୟ ପ୍ରତୀକ- ଅନୁଚିତ ବ୍ୟବହାର ନିଷେଧ୍ ଆଇନ୍ ୨୦୦୫ ଅନ୍‌ସାରେ କାର୍ଯ୍ୟାନୁଷ୍ଠାନ୍ ନିଆଯିବା । ରାଷ୍ଟ୍ରୀୟ ପ୍ରତୀକ ଅଶୋକ ସ୍ତମ୍ଭ ସହେତେ ଦେବନାଗରି ଲିପିଥି ସତ୍ୟମେବ ଜୟତେ ଲେଖା ରହେବାର୍‌ଟା ବାଧ୍ୟତାମୂଳକ୍ ହେଇଥିବାର୍‌ନୁ ଇ ବାବ୍‌ଦେ ମନ୍ତ୍ରଣାଳୟର୍ ଯୁଗ୍ମ ସଚିବ ସବୁ ରାଜ୍ୟର୍ ମୁଖ୍ୟ ଶାସନ୍ ସଚିବ, କେନ୍ଦ୍ର ଶାସିତ ଅଂଚଲ୍‌ର ମୁଖ୍ୟ ପ୍ରଶାସକ ଆଉ ମନ୍ତ୍ରଣାଳୟ ଆଉ ବିଭାଗ୍ ମାନ୍‌କର୍ ସଚିବମାନ୍‌କୁ ଚିଠି ଲେଖିଛନ୍ ।

ଛାତ୍ରୀମୃତ୍ୟୁ ଘଟ୍‌ନା ତଦନ୍ତ୍ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

କ୍ରାଇମ୍ ବ୍ରାଂଚ୍ ଆଉ ବିଶ୍ୱବିଦ୍ୟାଳୟ ଅନୁଦାନ୍ ଆୟୋଗ୍ - ୟୁଜିସିର ତଦନ୍ତ୍‌କାରୀ ଦଲ୍ ଆଏଜ୍ ବାଲେଶ୍ୱର୍ ଫକୀର୍ ମୋହନ୍ କଲେଜ୍ ନ ଛାତ୍ରୀମୃତ୍ୟୁ ଘଟ୍‌ନାର୍ ତଦନ୍ତ କରିଛନ୍ । ଇନ୍ଦ୍ରପ୍ରସ୍ଥ ଗୁରୁଗୋବିନ୍ଦ୍ ସିଂ ବିଶ୍ୱବିଦ୍ୟାଳୟ ପ୍ରଫେସର୍ ରାଜ୍‌କୁମାର୍ ମିତଲ୍‌ଙ୍କର୍ ଅଧ୍ୟକ୍ଷତାଥି ଗଠିତ୍ ୟୁଜିସିର୍ ୪ ଝନିଆ ଫେକ୍ଟ ଫାଇଣ୍ଡିଂ ଟିମ୍ ଆଏଜ୍ ବାଲେଶ୍ୱର୍ ପୁହୁଁଚିକରି ତଦନ୍ତ୍ କରିଛନ୍ । କଲେଜ୍‌ର ଭାରପ୍ରାପ୍ତ ଅଧ୍ୟକ୍ଷ ଆଉ ଆଭ୍ୟନ୍ତରିଣ ଅଭିଯୋଗ୍ କମିଟି-ଆଇସିସିର୍ ସଦସ୍ୟ ମାନ୍‌କୁ ଘଟ୍‌ନା ବାବ୍‌ଦେ ପଚ୍‌ରେଇଛନ୍ । ସେନ୍ତା ଘଟ୍‌ନା ଘଟିଥିବା ଜାଗା, ଛାତ୍ରୀ ଦିହେ

ନିଅାଁ ଲଗେଇକରି ଯେନ୍ ଯେନ୍ ଜାଗା ଯାଇଥିଲେ ସେ ଜାଗା ଆଉ ସିସିଟିଭି ଫୁଟେଜ୍‌ର ଯାଂଚ୍ କରିଛନ୍ । ଇ ବାବ୍‌ଦେ ପ୍ରଫେସର୍ ମିତଲ୍ କହିଛନ୍, ଘଟ୍‌ନାର୍ ତଥ୍ୟ ଯୁଗାଡ଼୍ କରିକରି ସର୍‌କାର୍‌ଙ୍କୁ ଦେବାର୍‌ଟା ହେଉଛେ ତାଙ୍କର୍ କାମ୍ । ରିପୋର୍ଟ ସଂଗ୍ରହ କରିକରି ଯେତେଜଲ୍‌ଦି ହେବା ସର୍‌କାର୍‌ଙ୍କୁ ଦେବେ ।

ସେଆଡ଼େ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ନିର୍ଦ୍ଦେଶ୍ ଉତ୍‌ରୁ କ୍ରାଇମ୍‌ବ୍ରାଂଚ୍ ଆଇ.ଜି. ଏସ୍. ସାଇନିଙ୍କର୍ ନେତୃତ୍ୱଥି ୨ ଦିନ୍ ହେଲା କ୍ରାଇମ୍‌ବ୍ରାଂଚ୍ ଟିମ୍ ଘଟ୍‌ନା ସହେତେ ଜଡ଼ିତ୍ ବ୍ୟକ୍ତିବିଶେଷ୍ ଆଉ କଲେଜ୍ ଭିନ୍ ଭିନ୍ କର୍ମଚାରୀ ମାନ୍‌କୁ ଜେରା କରୁଛେ । ଆଏଜ୍ ଆଇସିସି କମିଟିର୍ ସଦସ୍ୟମାନ୍‌କୁ କ୍ରାଇମ୍‌ବ୍ରାଂଚ୍ ଟିମ୍ ଜେରା କରିଥିଲା ।

ପୋସ୍ ଆଇନ୍ କର୍ମଶାଳା ନିର୍ଦ୍ଦେଶ୍ I&PR

ରାଏଜେ ବିଶ୍ୱବିଦ୍ୟାଳୟ ଆଉ ମହାବିଦ୍ୟାଳୟ ପରିସର୍ ନ ମହିଳା ସହାୟତା ନମ୍ବର୍ ୧୮୧ ପ୍ରଦର୍ଶନ୍ ଆଉ ପୋସ୍ ଆଇନ୍ -୨୦୧୩ ବାବ୍‌ଦେ ସଚେତନତା କର୍ମଶାଳା ଆୟୋଜନ୍ କର୍‌ବାର୍ ଲାଗି ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ନିର୍ଦ୍ଦେଶ୍‌ନାମା ଜାରି କରାଯାଇଛେ । ବିଭାଗ୍ ଅଧୀନ୍‌ଥି ଥିବା ସବୁ ବିଶ୍ୱବିଦ୍ୟାଳୟ, ସର୍‌କାରୀ ମହାବିଦ୍ୟାଳୟ,

ଅନୁଦାନ୍ ପାଇଥିବା ମହାବିଦ୍ୟାଳୟ ଆଉ ବେସର୍କାରୀ ମହାବିଦ୍ୟାଳୟ ପରିସର୍ ନ ପ୍ରମୁଖ୍ ଜାଗା ମାନ୍କେ ଇ ସହାୟତା ନମ୍ବର୍ ପ୍ରଦର୍ଶନ୍ କର୍ବାର୍କେ ରେଜିଷ୍ଟ୍ରାର୍ ଆର୍ ଅଧ୍ୟକ୍ଷ ମାନ୍କୁ ନିର୍ଦ୍ଦେଶ୍ ଦିଆଯାଇଛେ । ସେନ୍ତା କର୍ମଶାଳା ଆୟୋଜନ୍ କରିକରି ବିଶ୍ୱବିଦ୍ୟାଳୟ ଅନୁଦାନ୍ ଆୟୋଗ୍ ତର୍ଫୁ ଜାରି ହେଇଥିବା ନିର୍ଦ୍ଦେଶାବଳୀକେ କଡ଼ାକଡ଼ି ଭାବେ ପାଳନ୍ କର୍ବାର୍ ଲାଗି କୁହାଯାଇଛେ । କର୍ମଶାଳାଥି ସବୁ ଛାତ୍ରଛାତ୍ରୀ, ଶିକ୍ଷକ୍, କର୍ମଚାରୀ, ଆଭ୍ୟନ୍ତରିଣ ଅଭିଯୋଗ୍ କମିଟିର୍ ସଦସ୍ୟମାନେ ଯୋଗ୍ ଦେବେ । କର୍ମଶାଳା ଆୟୋଜନ୍ ବାବ୍ଦେ ଆଏବା ୩ ଦିନ୍ ଭିତ୍ରେ ବିସ୍ତୃତ୍ ଦେବାର୍କେ ଉଚ୍ଚଶିକ୍ଷା ବିଭାଗ୍ ତର୍ଫୁ ନିର୍ଦ୍ଦେଶ୍ ଦିଆଯାଇଛେ ।

ଉପମୁଖ୍ୟମନ୍ତ୍ରୀ-ପଂଚବଟୀ ଗୋଶାଳା    ପୁରୀ ସମ୍ବାଦଦାତା

ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଆଏଜ୍ ପୁରୀ ଚନ୍ଦନ୍ପୁର୍ ଜୀରାକନ୍ଦି ଠାନେ ଥିବା ପଂଚବଟୀ ଗୋଶାଳା ପରିଦର୍ଶନ୍ କରିଛନ୍ । ଗୋଶାଳାର୍ ଭିନ୍ ଭିନ୍ ଉନ୍ନୟନ୍ କାମ୍ ଆଉ ଆଲୋକିକରଣ୍ କାମ୍ର ଉଦ୍ଘାଟନ୍ କରିଛନ୍ । ଇ ଅବ୍ସରେ ରାଏଜେ ଗୋସମ୍ପଦ୍ର ସୁରକ୍ଷା, ଜୈବିକ୍ କୃଷି

ଆଉ କୃଷକ୍‌ମାନ୍‌କର୍ ପ୍ରଶିକ୍ଷଣ୍ ଦିଗେ ଗୋଶାଲାର୍ ଭୂମିକା ଉପ୍‌ରେ ଶ୍ରୀ ସିଂହଦେଓ କହିଥିଲେ । ପଂଚବଟୀ ଗୋଶାଲା ନ ଲାଗି ରହିଥିବା ଭିନ୍ ଭିନ୍ ସମସ୍ୟାର୍ ତୁର୍‌ତି ସମାଧାନ୍ କର୍‌ବାର୍ ଦିଗେ ଜିଲ୍ଲାପାଲ୍‌ଙ୍କର୍ ସାଙ୍ଗେ ଆଲୋଚନା କର୍‌ବେ ବଲି ଶ୍ରୀ ସିଂହଦେଓ କହିଛନ୍ ।

ଉତମ୍ ପ୍ରଶାସନିକ୍ ଅଭ୍ୟାସ-ଜାତୀୟ ସମ୍ମିଲନୀ I&PR

ଭୁବ୍‌ନେଶ୍ୱର୍ ଠାନେ ଚାଲିଥିବା ୨ ଦିନିଆ ଉତମ୍ ପ୍ରଶାସନିକ୍ ଅଭ୍ୟାସ୍ ବାବଦ୍ ଜାତୀୟ ସମ୍ମିଲନୀ ଆଏଜ୍ ଉଦ୍‌ଯାପିତ୍ ହେଇଛେ । ସମ୍ମିଲନୀଥି ନୂଆଁ ଆଉ ନାଗରିକ୍ କୈନ୍ଦ୍ରିକ ସଂସ୍କାର୍ ଉପ୍‌ରେ ଜୋର୍ ଦିଆଯାଇଥିଲା । ଉଦ୍‌ଯାପନୀ ଦିନ ଆଏଜ୍ ଭିନ୍ ଭିନ୍ ରାଜ୍ୟର୍ ସଫଲ୍ ଯୋଜ୍‌ନା ମାନ୍‌କର୍ ବାବ୍‌ଦେ ଆଲୋଚନା କରାଯାଇଥିଲା । ଖାସ୍ କରି ଶିକ୍ଷା କ୍ଷେତ୍ରଥି ଯେନ୍ ରାଜ୍ୟମାନେ ଆଗ୍‌କେ ବଢୁଛନ୍, ସେ ରାଜ୍ୟମାନ୍‌କର୍ ବାବ୍‌ଦେ ଟିକ୍‌ନିକ୍ ତଥ୍ୟ ଉପସ୍ଥାପନ୍ କରାଯାଇଥିଲା । ସମଗ୍ର ଶିକ୍ଷା ମିଶନ୍‌ର ନିର୍ଦ୍ଦେଶକ୍ ଡକ୍ଟର୍ ଓମ୍ ପ୍ରକାଶ୍ ଛାତ୍ରଛାତ୍ରୀମାନ୍‌କର୍ ଭିତ୍‌ରେ ଶିକ୍ଷାକେ ନେଇକରି ଆଗ୍ରହ ବଢ଼ାବାର୍ ଲାଗି କେନ୍ କେନ୍ ବ୍ୟବସ୍ଥା କରାଯାଇପାର୍‌ବା ସେ ବାବ୍‌ଦେ ଆଲୋଚନା କରିଥିଲେ । ସେଆଡ଼େ ସମ୍ମିଲନୀଥି ଜିଲ୍ଲାମାନ୍‌କର୍ ସାମଗ୍ରିକ ବିକାଶ୍ ଆଉ ଆକାଂକ୍ଷି ବ୍ଲକ୍ କାର୍ଯ୍ୟକ୍ରମ୍

ବାବ୍‌ଦେ ଆଲୋଚନା କରାଯାଇଛେ । କେନ୍ଦ୍ର ସର୍‌କାର୍‌ଙ୍କର୍ ପ୍ରଶାସନିକ ସଂସ୍କାର୍, ସାଧାରଣ୍ ଅଭିଯୋଗ୍ ବିଭାଗ୍ ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ହେଇଥିବା ସମ୍ମିଲନୀଥି ଭିନ୍ ଭିନ୍ ରାଏଜେ କାର୍ଯ୍ୟକାରୀ ହେଉଥିବା ସୁଶାସନ୍ ଢାଂଚା ବାବ୍‌ଦେ ପ୍ରତିନିଧି ମାନେ ଆଲୋଚନା କରିଛନ୍ ।

ସୂଚ୍‌ନା ଅନ୍‌ସାରେ ଗଲାକାଏଲ୍ ସମ୍ମିଲନୀକେ କେନ୍ଦ୍ରମନ୍ତ୍ରୀ ଡକ୍ଟର୍ ଜିତେନ୍ଦ୍ର ସିଂ ଆଉ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ମିଶିକରି ଉଦ୍‌ଘାଟନ୍ କରିଥିଲେ । ସମ୍ମିଲନୀଥି ଦେଶର୍ ୪ ଶହ ନୁ ଅଏତ୍‌କା ପ୍ରତିନିଧି ଯୋଗ୍ ଦେଇଛନ୍ ।

ପଂଚାୟତିରାଜ୍ ମନ୍ତ୍ରୀ ନୂଆପଡ଼ା ସମ୍ବାଦଦାତା

ପଂଚାୟତିରାଜ୍ ଆଉ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ଆଏଜ୍ ନୂଆପଡ଼ା ଠାନେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇଛନ୍ । ନୂଆପଡ଼ା ସର୍କିଟ୍ ହାଉସ୍ ଠାନେ ବିଭାଗୀୟ କର୍ମଚାରୀମାନ୍‌କର୍ ସାଙ୍ଗେ ସମୀକ୍ଷା ବୈଠକ୍ କରିଛନ୍ । ଜନକଲ୍ୟାଣ୍‌କାରୀ କାମ୍ ମାନ୍‌କର୍ ସଫଲ୍ ରୂପାୟନ୍ କରିକରି ଲୁକ୍‌କର୍ ବିକାଶ୍ ଦିଗେ କାମ୍ କର୍‌ବାର୍‌କେ ମନ୍ତ୍ରୀ ଶ୍ରୀ ନାଏକ୍ ଅଧିକାରୀମାନ୍‌କୁ ପରାମର୍ଶ ଦେଇଛନ୍ । ପିଇବାର୍ ପାଏନ୍ ଯୁଗାବାର୍ କ୍ଷେତ୍ରଥି ଜିଲ୍ଲା ଭଲ୍ କାମ୍ କରିଥିବାର୍‌ନୁ ମନ୍ତ୍ରୀ

ପ୍ରଶଂସା କରିଥିଲେ । ବୈଠକ୍‌ରେ ଜିଲ୍ଲାପାଳ୍ ମଧୁସୂଦନ୍ ଦାସ, ଜିଲ୍ଲା ଉନ୍ନୟନ୍ ଅଧିକାରୀ ଲମ୍ବୋଧର୍ ଧରୁଆ ଆଉ ଅଲ୍‌ଗା ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ଇ ଅବ୍‌ସରେ ମନ୍ତ୍ରୀ ଶ୍ରୀ ନାଏକ୍ ଜଲ୍‌ଜୀବନ୍ ମିଶନ୍ ଜରିଏ 'ହର୍ ଘର୍ ଜଲ୍ ଯୋଗାଣ୍' ବାବଦ୍ ପ୍ରମାଣ୍ ପତ୍ର ବାଂଟିଥିଲେ । ଇତାର୍‌ସହେତେ ଶହେ ୩୪ କୋଟି ଟଙ୍କାର୍ ୩ ଶହ ୬୦ ଟା ଜନକଲ୍ୟାଣ୍‌କାରୀ ପ୍ରକଳ୍ପର୍ ଉଦ୍‌ଘାଟନ୍ କରିଛନ୍ ।

ଯୁକ୍ତ ଦୁଇ ଇନ୍‌ଷ୍ଟାଂଟ୍ ପରୀକ୍ଷା ଆର୍‌ଏନ୍‌ୟୁ/ ସମ୍ବଲପୁର

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ୍ ପରିଚାଲିତ୍ ଯୁକ୍ତ ଦୁଇ ଇନ୍‌ଷ୍ଟାଂଟ୍ ପରୀକ୍ଷା ୨୦୨୫ ର ଫଲ୍ ଆଏଜ୍ ବାହାରିଛେ । ଉପର୍‌ବେଲା ୪ ବଜେ ପରିଷଦ୍‌ର ସମ୍ମିଲନୀ କକ୍ଷ ନ ପରୀକ୍ଷାଫଲ୍ ଘୋଷ୍‌ନା କରାଯାଇଛେ । ଉପର୍‌ବେଲା ୫ ବଜେନୁ www.results.odisha.gov.in ଥି ଛାତ୍ରଛାତ୍ରୀ ମାନେ ପରୀକ୍ଷାଫଲ୍ ପାଇପାରୁଛନ୍ ବଲି ପରୀକ୍ଷା ନିୟନ୍ତ୍ରକ ସୂଚ୍‌ନା ଦେଇଛନ୍ ।

ଓଡ଼ିଶା ବାଉଁଶ କର୍ମଶାଳା I&PR

ଭୁବ୍‌ନେଶ୍ୱର୍ ବନ ବିଭାଗ୍ ମୁଖ୍ୟ କାର୍ଯ୍ୟାଳୟ ଠାନେ ଓଡ଼ିଶା ବାଉଁଶ ଉନ୍ନୟନ୍ ସଂସ୍ଥା ତର୍‌ଫୁ ଗୁଟେ କର୍ମଶାଳା ହେଇଯାଇଛେ । ସଂସ୍ଥା ତର୍‌ଫୁ ବାଉଁଶ୍ ଚାଷ୍‌କେ ତହଁକାବାର୍ ଲାଗି ବାଉଁଶ୍ ଉଦ୍ୟୋଗ୍, ବାଉଁଶ୍ ଶିଳ୍ପୀ, କାରିଗର୍ ଆଉ ବାଉଁଶ୍ ଚାଷୀମାନ୍‌କୁ ନେଇକରି ଇ କର୍ମଶାଳା ହେଇଛେ । ପ୍ରଧାନ ମୁଖ୍ୟ ବନସଂରକ୍ଷକ ଆଉ ବନବାହିନୀ ମୁଖ୍ୟ ସୁରେଶ ପନ୍ଥ କର୍ମଶାଳାକେ ଉଦ୍‌ଘାଟନ୍ କରିକରି ବାଉଁଶ୍ ତିଆରି ଦରବ୍ ମାନ୍‌କର୍ ଲାଗି ବଜାର୍ ବ୍ୟବସ୍ଥା କର୍‌ବାର୍ ଆଉ ଚାଷୀମାନ୍‌କର୍ ଲାଗି ଲାଭ୍ ସୁନିଶ୍ଚିତ୍ କର୍‌ବାର୍ ଉପ୍‌ରେ ଜୋର୍ ଦେଇଥିଲେ ।

ପିଜିଟି ଶିକ୍ଷକ୍, ଶିକ୍ଷୟିତ୍ରୀ ତାଲିମ୍ କାର୍ଯ୍ୟକ୍ରମ୍ I&PR

ଭୁବ୍‌ନେଶ୍ୱର୍ ଠାନେ ଚାଲିଥିବା ପିଜିଟି ଶିକ୍ଷକ୍, ଶିକ୍ଷୟିତ୍ରୀମାନ୍‌କର୍ ୫ ଦିନିଆ ତାଲିମ୍ କାର୍ଯ୍ୟକ୍ରମ୍ ଉଦ୍‌ଯାପିତ୍ ହେଇଯାଇଛେ । ଇ ଅବ୍‌ସରେ ଉଚ୍ଚମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ରଘୁରାମ୍ ଆର୍. ଆୟାର୍‌ଙ୍କର୍ ସହେତେ ଅଲ୍‌ଗା ବରିଷ୍ଠ ଅଧିକାରୀମାନେ ଯୋଗ୍ ଦେଇଥିଲେ । କାର୍ଯ୍ୟକ୍ରମ୍‌ଥି ଶହେ ୨୫ ଝନ୍ ଶିକ୍ଷକ୍ ଶିକ୍ଷୟିତ୍ରୀ ତାଲିମ୍ ନେଇଛନ୍ ।

ବିଶ୍ୱ ଯୁବ ଦକ୍ଷତା ଦିବସ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ପାଲ୍‌ଝର୍ ସର୍‌କାରୀ ଶିଳ୍ପ ତାଲିମ୍ ଅନୁଷ୍ଠାନ୍ ଠାନେ ବିଶ୍ୱ ଯୁବ ଦକ୍ଷତା ଦିବସ୍ ପାଲିତ୍ ହେଇଯାଇଛେ । ଜିଲ୍ଲା ଦକ୍ଷତା ବିକାଶ୍ ଆଉ ନିୟୋଜନ୍ କାର୍ଯ୍ୟାଳୟର୍ ଦେଖ୍‌ରେଖ୍‌ଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ସର୍‌କାରୀ ଶିଳ୍ପ ତାଲିମ୍ ଆଉ ବହୁବୃତି ଅନୁଷ୍ଠାନ୍‌ର ୨ ଶହ ୫୦ ନୁ ଅଏତ୍‌କା ଛାତ୍ରଛାତ୍ରୀ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ଛାତ୍ରଛାତ୍ରୀମାନ୍‌କୁ ନେଇକରି ଗୁଟେ ସଚେତନତା ଶୋଭାଯାତ୍ରା ହେଇଥିଲା । କାର୍ଯ୍ୟକ୍ରମ୍‌ଥି ଅତିରିକ୍ତ ଜିଲ୍ଲାପାଲ୍ ଅନିରୁଦ୍ଧ ପ୍ରଧାନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ଛାତ୍ରଛାତ୍ରୀମାନେ ୧୨ ଟା ପ୍ରକଳ୍ପ ପ୍ରଦର୍ଶନ୍ କରିକରି ତାର୍ ଉପଯୋଗ୍ ବାବ୍‌ଦେ ବୁଝେଇଥିଲେ ।

ଜିଲ୍ଲା ପରିଷଦ୍‌ର ବୈଠକ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ପରିଷଦ୍ ଅଧ୍ୟକ୍ଷା ପ୍ରଭାସିନୀ ଦାସ୍‌ଙ୍କର୍ ଅଧ୍ୟକ୍ଷତାଥି ପରିଷଦ୍‌ର ବୈଠକ୍ ହେଇଯାଇଛେ । ବୈଠକ୍‌ଥି ବୌଦ୍ଧ

ବିଧାୟକ୍ ସରୋଜ୍ କୁମାର୍ ପ୍ରଧାନ୍ ଯୋଗ୍ ଦେଇକରି ନିର୍ମାଣାଧୀନ୍ ପ୍ରକଳ୍ପ ମାନ୍କର୍ ସମୀକ୍ଷା କରିଛନ୍ । ପ୍ରକଳ୍ପ କାମ୍ ମାନେ ତୁର୍‌ତି ସାରିକରି କାର୍ଯ୍ୟକ୍ଷମ୍ କର୍‌ବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ଅର୍ଥ କମିଶନ୍ ଅନୁଦାନ୍ ପ୍ରକଳ୍ପ, ଗ୍ରାମ୍ ପଂଚାୟତ୍ ଉନ୍ନୟନ୍ ଯୋଜ୍‌ନା, ମନରେଗା ଯୋଜ୍‌ନା, କୃଷିକ୍ଷେତ୍ର ପୋଖରୀ ଖନନ ଯୋଜନା ଉପ୍‌ରେ ବୈଠକ୍‌ଥି ଆଲୋଚନା କରାଯାଇଥିଲା । ଇ ଅବ୍‌ସରେ କଂଟାମାଲ୍ ବିଧାୟକ୍ କହ୍ନେଇ ଚରଣ୍ ଡାଙ୍ଗ, ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା ଆଉ ଅଲ୍‌ଗା ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ହୀରାକୁଦ୍ ଜଲ୍‌ଭଣ୍ଡାର୍    ସମ୍ବଲପୁର ସମ୍ବାଦଦାତା

ହୀରାକୁଦ୍ ଜଲ୍‌ଭଣ୍ଡାର୍ ଉପର୍‌ମୁଣ୍ଡୁ ଜହ ପାଏନ୍ ଆସ୍‌ବାର୍‌ନୁ ଆଏଜ୍ ସଖାଲ୍‌ବେଲା ଫେର୍ ୨ ଟା ସ୍ଲୁଇସ୍ ଗେଟ୍ ଖୁଲାଯାଇଛେ । ଇହାଦେ ୪ ଟା ଗେଟ୍ ଦେଇକରି ପାଏନ୍ ଛଡ଼ାଯାଇଛେ । ହୀରାକୁଦ୍ ଡେମ୍ କର୍ତ୍ତୃପକ୍ଷଙ୍କର୍ ସୂଚ୍‌ନା ଅନ୍‌ସାରେ ଆଏଜ୍ ସଞ୍ଜର୍ ୬ ବଜେତକ୍ ଜଲ୍‌ଭଣ୍ଡାରକେ ଫି' ସେକେଣ୍ଡ୍‌ଥି ୧ ଲାଖ୍ ୧୮ ହଜାର୍ ୫ ଶହ ୫୮ ଘନଫୁଟ୍ ପାଏନ୍ ଆସୁଥିବାର୍ ବେଲେ ୯୮ ହଜାର୍ ୭ ଶହ

୯୬ ଘନଫୁଟ୍ ପାଏନ୍ ଛଡ଼ାଯାଉଛେ । ଇ ସମିଆଥି ଜଲ୍ଭଣ୍ଡାର୍ର ଜଲ୍ସ୍ତର୍ ୬ ଶହ ୧୦ ଦଶ୍ମିକ୍ ୫/୨ ଫୁଟ୍ ରହିଛେ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ଲଘୁଚାପ୍ର ବଲେ ରାଏଜର୍ ବଡ଼ଭାଗୀ ଜାଗା ନ ବର୍ଷା ଲାଗି ରହିଛେ । ଭୁବନେଶ୍ୱର୍ ଆଂଚଲିକ ପାଣିପାଗ ବିଜ୍ଞାନ କେନ୍ଦ୍ରର୍ ସୂଚ୍ନା ଅନ୍ସାରେ ଆଏବା ୨୪ ଘଂଟା ଭିତ୍ରେ ରାଜ୍ୟର୍ କେତେଟା ଜାଗା ନ ଘଡ଼୍ଘଡ଼ି ସହେତେ ସାମାଏନ୍ ନୁ ମଧ୍ୟମ୍ ଧରଣ୍ର ବର୍ଷା ହେଇପାରେ । ଇ ସମିଆଥି ପର୍ଶ୍ଚିମ ଓଡ଼ିଶା ସହେତେ ରାଜ୍ୟର୍ ୧୪ ଜିଲ୍ଲା ନ ଚଡ଼କ୍ ମାରିକରି ଜବର୍ ବର୍ଷା ହେଇପାରେ ବଲି ପାଣିପାଗ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ ।